ଓଡ଼ିଶା ରାଜ୍ୟ

ବନାମ

ରାଜକିଶୋର ଦାସ

ଫେବୃଆରୀ 5,1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:.*

*କ୍ଷତିପୂରଣର ଅଧିନିର୍ଣ୍ଣୟ - ଅଧିଗ୍ରହଣ କରିଥିବା ଜମିରେ ନିର୍ମିତ ଅଟ୍ଟାଳିକା - ଉଚ୍ଚ ନ୍ୟାୟାଳୟ କୋଠା ପାଇଁ କ୍ଷତିପୂରଣ ପ୍ରଦାନ କରିଛନ୍ତି – ନିର୍ଣ୍ଣୟ - ଅଧିଗ୍ରହଣ ବିଷୟରେ ଜ୍ଞାନ ଥାଇ ମଧ୍ୟ ପକ୍ଷ ଅନଧିକୃତ ଭାବରେ କୋଠା ନିର୍ମାଣ କରିଥିଲେ - ତେଣୁ ରାଜ୍ୟ କୋଠା ପାଇଁ କ୍ଷତିପୂରଣ ଦେବାକୁ ବାଧ୍ୟ ନୁହେଁ |*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3525/1996

ଏଫ୍. ଏ. ସଂଖ୍ୟା 252/1987 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 1.3.90 ରିଖର ରାୟ ଏବଂ ଆଦେଶରୁ।

ଆବେଦନକାରୀଙ୍କ ପକ୍ଷରୁ ମହାଧିବକ୍ତା ଇନ୍ଦ୍ରଜିତ୍ ରାୟ ଏବଂ ପି. ଏନ୍. ମିଶ୍ର

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଯଦିଓ ପ୍ରତିବାଦୀଙ୍କୁ ଅବଗତ କରାଯାଇଛି, ସେ ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇନାହାନ୍ତି । ଏହି ଆବେଦନ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଥମ ଆବେଦନ ସଂଖ୍ୟା 252/87 ରେ ଦିଆଯାଇଥିବା ତା 1.3.1990 ରିଖର ଆଦେଶରୁ ଉତ୍ପନ୍ନ ହୋଇଛି ।

ଭୁବନେଶ୍ୱର ପୌରପାଳିକା ବିଦ୍ୟୁତ ମାର୍ଗର ସମ୍ପ୍ରସାରଣ ପାଇଁ ପ୍ରାୟ 120 ଡେସିମିଲ ଜମି ଅଧିଗ୍ରହଣ କରି ଭୂମି ଅଧିଗ୍ରହଣ ଅଧିନିୟମ, 1894 ର ଧାରା 4 (1) ଅନୁଯାୟୀ ଏକ ଅଧିସୂଚନା 25.3.1985 ରେ ରାଜପତ୍ରରେ ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ 7.10.1985 ରେ ଧାରା 11 ଅନୁଯାୟୀ ତାଙ୍କର ଅଧିନିର୍ଣ୍ଣୟ ପାରିତ କରିଥିଲେ ଏବଂ ମୋଟ କ୍ଷତିପୂରଣ ବାବଦକୁ 1 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ, ପ୍ରତିବାଦୀ ପ୍ରତି ନିର୍ଦ୍ଦେଶ ମାଗିଥିଲେ ଏବଂ ତା' ଉପରେ ନିର୍ମିତ କୋଠା ପାଇଁ 2 ଲକ୍ଷ ଟଙ୍କା ମଧ୍ୟ ଦାବି କରିଥିଲେ । ଉଲ୍ଲେଖିତ ନ୍ୟାୟାଳୟ ତା 19.8.1987 ରିଖର ରାୟ ଏବଂ ଡିକ୍ରି ଦ୍ୱାରା ଏକର ପିଛା

1,66,000 ଟଙ୍କା କ୍ଷତିପୂରଣ ଏବଂ ଅନ୍ୟାନ୍ୟ ବୈଧାନିକ ସୁବିଧା ପ୍ରଦାନ କରିଥିଲେ । ପରବର୍ତ୍ତୀ ଆବେଦନରେ, ଉଚ୍ଚ ନ୍ୟାୟାଳୟ କୋଠା ସମ୍ବନ୍ଧରେ କ୍ଷତିପୂରଣକୁ 10, 000 ଟଙ୍କାରୁ 1 ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ ।  କୋଠା ସମ୍ବନ୍ଧୀୟ ବର୍ଦ୍ଧିତ କ୍ଷତିପୂରଣରେ ଅସନ୍ତୁଷ୍ଟ ହୋଇ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଛି ।

ଖଣ୍ଡପୀଠ ଏହି ସିଦ୍ଧାନ୍ତକୁ ନଥିଭୁକ୍ତ କରିଛି ଯେ ଯଦିଓ ମାର୍ଚ୍ଚ 30, 1981 ରେ ଆବାସିକ ଉଦ୍ଦେଶ୍ୟରେ ଅଧା ନିର୍ମିତ କୋଠାଟିର ବିକ୍ରୟ ଅଭିପ୍ରାୟ କରାଯାଇଥିଲା, ତଥାପି କୋଠା ନିର୍ମାଣ ପାଇଁ ପୌରପାଳିକାରୁ ମଞ୍ଜୁରି ପ୍ରାପ୍ତ ହୋଇନଥିଲା । ନିର୍ମାଣଟି ଅନଧିକୃତ ଥିଲା । ତଥାପି, ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟର ଆଭିମୁଖ୍ୟ ସ୍ପଷ୍ଟ ଭାବରେ ବେଆଇନ | ସିଦ୍ଧାନ୍ତକୁ ନଥିଭୁକ୍ତ କରାଯାଇଛି ଯେ, ପ୍ରତିବାଦୀ କୌଣସି କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୋଠା ନିର୍ମାଣ କରିଥିଲେ ଏବଂ ଯେହେତୁ ସରକାର ଅନଧିକୃତ ନିର୍ମାଣକୁ ନଷ୍ଟ କରିବାର ଅଧିକାର ରଖିଛନ୍ତି, ଯଦି ମାଲିକ ନିଜେ ସ୍ୱେଚ୍ଛାରେ ନଷ୍ଟ ନ କରନ୍ତି ଏବଂ କୋଠା ସଂରଚନାର ମୂଲ୍ୟ ଉଦ୍ଧାର ସାମଗ୍ରୀ ଭାବରେ ଗ୍ରହଣ କରନ୍ତି ନାହିଁ, ଉଚ୍ଚ ନ୍ୟାୟାଳୟ ଏହି ରାୟ ଦେବା ଉଚିତ ଯେ ପ୍ରତିବାଦୀ ଅଧିଗ୍ରହଣ ବିଷୟରେ ଜାଣିଥିବା ସତ୍ତ୍ୱେ କୋଠା ନିର୍ମାଣରେ ଅନଧିକୃତ ଭାବରେ ଅଗ୍ରସର ହୋଇଥିଲେ । ତେଣୁ, କର୍ତ୍ତୃପକ୍ଷମାନେ ଏପରି ନିର୍ମାଣ ଦ୍ୱାରା ଆବଦ୍ଧ ନୁହଁନ୍ତି । ଫଳସ୍ୱରୂପ, ଅନଧିକୃତ ଭାବେ ନିର୍ମାଣ କରାଯାଇଥିବା ଏଭଳି କୋଠାର ମୂଲ୍ୟର କ୍ଷତିପୂରଣ ଦେବାକୁ ରାଜ୍ୟ ବାଧ୍ୟ ନୁହେଁ । ୨0 ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଉଚ୍ଚ ନ୍ୟାୟାଳୟ ଯେଉଁ ରାୟ ଓ ଆଦେଶ ଦେଇଛନ୍ତି ତାହା ସ୍ପଷ୍ଟ ଭାବରେ ବେଆଇନ ଅଟେ ।

ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । 10ହଜାର ଟଙ୍କା ପାଇଁ ଉଲ୍ଲେଖିତ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବଜାୟ ରଖାଯାଇଛି ଏବଂ ବଳକା ଟଙ୍କା ପୈଠ କରିବା ପାଇଁ ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି ।   କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.  ଆବେଦନକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ  । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ  ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ